# ଆମ ପ୍ରଶାସନ ସମ୍ମାନ ହରାଉଛି କାହିଁକି ?

## (୩)

୧୯/୦୨/୧୯୮୯

ଆଜି ଆମ ପ୍ରଶାସନ କଥା ଚିନ୍ତା କଲାବେଳେ ଯେଉଁ ଦୁଇଟି କଥା ମନକୁ ଆସୁଛି ସେ ବିଷୟରେ ଆଲୋଚନା କରିବାପାଇଁ ଲାଜ ଲାଗୁଛି । କାରଣ, ଏ ଦୁଇଟି ସମସ୍ୟା ସହିତ ଉଣାଅଧିକେ ମୁଁ ବ୍ୟକ୍ତିଗତ ଭାବେ ସମ୍ପୃକ୍ତ । ତେବେ ଯେତେ ଅସ୍ୱସ୍ତିକର ଏବଂ ଅପ୍ରୀତିକର ହେଲେ ମଧ୍ୟ ସାମୂହିକ ସ୍ୱାର୍ଥ ଏବଂ ପ୍ରକୃତ ତଥ୍ୟ ଦୃଷ୍ଟିରୁ ଏ ବିଷୟରେ ଆଲୋଚନା କରିବାକୁ ହେବ, ଟିକିଏ ନିର୍ଲଜ ହେବାକୁ ପଡ଼ିବ ।

ସରକାରୀ କଲେଜ ଅଧ୍ୟାପକମାନଙ୍କର ଦରମା ପ୍ରସଙ୍ଗ ପ୍ରଥମେ ଆଲୋଚନା କରାଯାଉ । ଗତ କିଛିଦିନ ହେବ ସରକାରୀ ଶିକ୍ଷକ ସଂଘ ଏବଂ ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତି ଏବଂ ପ୍ରତି-ବିଜ୍ଞପ୍ତି ଜରିଆରେ କଥା କଟାକଟି ହେଉଛନ୍ତି । ଏମାନଙ୍କର କଥା କଟାକଟିରେ ଅସଲ ଏବଂ ସତ କଥାଟି ଲୁଚିଯାଉଛି । କଥାଟି ହେଲା ବହୁ ପ୍ରତୀକ୍ଷିତ ୟୁ.ଜି.ସି ବେତନ ହାର ଘୋଷିତ ହେବାପରେ ଆମରାଜ୍ୟ ସରକାର କ୍ୟାବିନେଟ୍ ସ୍ତରରେ ଏକ ନିଷ୍ପତ୍ତି ନେଲେ ଯେ ଆମର ସମ୍ବଳ ଦୃଷ୍ଟିରୁ ଓ ଅନ୍ୟ କର୍ମଚାରୀମାନଙ୍କ ସହ ସମତା ରକ୍ଷା କରିବାପାଇଁ ସରକାରୀ କଲେଜର ଅଧ୍ୟାପକମାନଙ୍କୁ ୟୁ.ଜି.ସି. ବେତନହାର ଦିଆଯାଇ ପାରିବନାହିଁ । ସେଥିପାଇଁ ଏକ ସଂଶୋଧିତ ୟୁ.ଜି.ସି. ବେତନହାର ସରକାର ଘୋଷଣା କଲେ । ଅଧ୍ୟାପକମାନେ ସଂଶୋଧିତ ବେତନହାର ଗ୍ରହଣ କରିବା ସେମାନଙ୍କ ପାଇଁ ସମ୍ମାନଜନକ ହେବନାହିଁ ବୋଲି କହିଲେ ଓ ୟୁ.ଜି.ସି. ବେତନହାରକୁ ପୁରାପୁରି ଲାଗୁ କରିବାପାଇଁ ଦାବୀ କଲେ । ଦାବୀ ସପକ୍ଷରେ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ମଧ୍ୟ ଦେଲେ । ମୁଖ୍ୟମନ୍ତ୍ରୀ କ୍ୟାବିନେଟର ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇ ଏ ବିଷୟରେ ଅଧିକ ଅନୁଶୀଳନ କରିବା ପାଇଁ ଏକ ମନ୍ତ୍ରିସ୍ତରୀୟ କମିଟୀ ନିଯୁକ୍ତ କରି ଅଧ୍ୟାପକମାନଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିନେବାପାଇଁ ପରାମର୍ଶ ଦେଲେ । ଅଧ୍ୟାପକମାନେ ଏଥିରେ ସନ୍ତୁଷ୍ଟ ହେଲେନାହିଁ । ଆନ୍ଦୋଳନ ଅବ୍ୟାହତ ରଖିଲେ ।

### ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବାପାଇଁ ଚାହିଁଲେ । ଶିକ୍ଷାମନ୍ତ୍ରୀ ଅଭିମାନ କଲେ, ଶାସନ ସଚିବମାନେ ପରାମର୍ଶ ଦେବେ କ'ଣ, ଓଲଟି ଟିହାଇଲେ । ପହିଲେ ଆପ୍, ପଛିଲେ ଆପ୍ ନ୍ୟାୟରେ ଭେଟ ହେଲାନାହିଁ କି ଆଲୋଚନା ମଧ୍ୟ ହେଲାନାହିଁ । ତେବେ ଗତ ବିଧାନସଭା ଅଧିବେଶନର ଅବ୍ୟବହିତ ପୂର୍ବରୁ ଅଧ୍ୟାପକମାନଙ୍କର ପ୍ରତିନିଧି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟରାତ୍ରିରେ ଏକ ଆଲୋଚନା ସମ୍ଭବ ହେଲା । ଏହି ଆଲୋଚନାରେ ମନ୍ତ୍ରିସ୍ତରୀୟ କମିଟୀର ଅଧ୍ୟକ୍ଷ ଯୁଗଳବାବୁଙ୍କ ସହ ଶିକ୍ଷାମନ୍ତ୍ରୀ ଯଦୁବାବୁ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନବାବୁ, ମୁଖ୍ୟ ଶାସନସଚିବ, ଶିକ୍ଷା ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ମଧ୍ୟ ଉପସ୍ଥିତ ଥିଲେ । ଏ ଅଧମ ସମ୍ପାଦକ ମଧ୍ୟ ଉପସ୍ଥିତ ଥିଲା । ବହୁ ଆଲୋଚନା ପରେ କଥା ଛିଡ଼ିଲା ଯେ, ମନ୍ତ୍ରିସ୍ତରୀୟ କମିଟୀ ୩ ମାସ ମଧ୍ୟରେ ତାଙ୍କର ରିପୋର୍ଟ ଦେବେ ଏବଂ ତା'ପରେ ସରକାର ଶୀଘ୍ର ଏ ସମ୍ପର୍କରେ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ଏସବୁ କଥା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଚାଲିଥିଲା । ମୁଖ୍ୟମନ୍ତ୍ରୀଙ୍କର ଧୈର୍ଯ୍ୟ ଏବଂ ବ୍ୟବହାରରେ ଅଧ୍ୟାପକ ବୃନ୍ଦ ମୁଗ୍ଧ ହୋଇଥିଲେ । ଏ ପ୍ରକାର ଆଲୋଚନାର କୌଣସି ଲିଖିତ ବିବରଣୀ ସଚିବମାନେ ରଖିଛନ୍ତି କି ନାଁ ମୁଁ ଜାଣେନାହିଁ । ତେବେ ଅଧ୍ୟାପକମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି 'ଗୁଡ୍ ଫେଥ୍'ରେ ସବୁ ମାନି ନେଇଥିଲେ । ପରେ ଅଧ୍ୟାପକମାନଙ୍କ ତରଫରୁ ଲିଖିତଭାବେ ଆନ୍ଦୋଳନ ସ୍ଥଗିତ ରଖାଗଲା ବୋଲି ଜଣାଇ ଦିଆଗଲା । ଶିକ୍ଷା ସଚିବ ଆନ୍ଦୋଳନ ସ୍ଥଗିତ ରଖାଯିବା କଥାକୁ ଗ୍ରହଣ କଲେନାହିଁ, 'ସ୍ଥଗିତ' ବଦଳରେ 'ପ୍ରତ୍ୟାହାର' ଲେଖ ବୋଲି ଜିଦ୍ ଧରିବସିଲେ । ଅଧ୍ୟାପକମାନେ କହିଲେ, "ଆମେ ଆନ୍ଦୋଳନ ପ୍ରତ୍ୟାହାର କରିବାପାଇଁ ରାଜି, କିନ୍ତୁ ଏ ପ୍ରକାର ନିଷ୍ପତ୍ତି ବିଧିବଦ୍ଧ ଭାବରେ କେବଳ ଆମର କାର୍ଯ୍ୟକାରୀ କମିଟୀ ନେଇପାରିବ ଓ ଆସନ୍ତାକାଲି ଆପଣ ଯେଉଁ ପ୍ରେସ୍ ବିଜ୍ଞପ୍ତି ଦେବେ ବୋଲି କହୁଛନ୍ତି ତାକୁ ଉପସ୍ଥାପିତ କରି ଆନ୍ଦୋଳନ ପ୍ରତ୍ୟାହାର ପ୍ରସ୍ତାବ ଗୃହୀତ କରାଇନେବୁ" ବୋଲି କହିଲେ । ମୁଁ କହିଲି, କାର୍ଯ୍ୟକାରିତା ଦୃଷ୍ଟିରୁ 'ସ୍ଥଗିତ' ଏବଂ 'ପ୍ରତ୍ୟାହାର' ମଧ୍ୟରେ ସେପରି କୌଣସି ପ୍ରଭେଦ ନାହିଁ । ବର୍ତ୍ତମାନ ପାଇଁ ତାହା ଗ୍ରହଣ କରିନିଅନ୍ତୁ । ଏକ ସପ୍ତାହ ମଧ୍ୟରେ 'ପ୍ରତ୍ୟାହାର' ନିଷ୍ପତ୍ତି ଅଧ୍ୟାପକମାନେ ଆପଣଙ୍କୁ ଜଣାଇଦେବେ । ସରକାରଙ୍କର ସେ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ କି ଆନ୍ଦୋଳନ ମଧ୍ୟ ଔପଚାରିକ ଭାବେ ପ୍ରତ୍ୟାହୃତ ହୋଇ ପାରିଲାନାହିଁ । ଏହାହେଲା ମୁଁ ବୁଝିଥିବା ଅଧ୍ୟାପକମାନଙ୍କର ବେତନହାର ସମସ୍ୟାର ଘଟଣା ପ୍ରବାହ ।

ବର୍ତ୍ତମାନ କମିଟୀ ନିଯୁକ୍ତହେବାର ପ୍ରାୟ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ କାଳ ବିତିଗଲାଣି । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ ସାଢ଼େ ଚାରିମାସ ପୁରୁଣା ହେଲାଣି । ମନ୍ତ୍ରିସ୍ତରୀୟ ରିପୋର୍ଟ ନାହିଁ କି ସରକାରଙ୍କର ନିଷ୍ପତ୍ତି ନାହିଁ । ସରକାର ତାଙ୍କର ସମ୍ବଳ ଏବଂ ଅନ୍ୟାନ୍ୟ ସମସ୍ୟାକୁ ଦେଖି କି ନିଷ୍ପତ୍ତି ନେବେ ସେ ଏକ ଭିନ୍ନ ପ୍ରଶ୍ନ । କିନ୍ତୁ ନିଷ୍ପତ୍ତି ନ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମସ୍ତଙ୍କୁ ଝୁଲେଇରଖି ଏବେ ଓଲଟା ବିଜ୍ଞପ୍ତି ଦେଉଛନ୍ତି ଯେ, 'କେତେକ ଶିକ୍ଷକ ଗୋଷ୍ଠୀ'ଙ୍କ ଯୋଗୁ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି । ବର୍ତ୍ତମାନ ଆମର ପ୍ରଶ୍ନହେଲା, କିଏ ସେହି ଶିକ୍ଷକ ଗୋଷ୍ଠୀ ? ପ୍ରଶାସନ କ'ଣ ତା'ହେଲେ ଶିକ୍ଷକସଂଘ ଛଡ଼ା କେତେକ ଗୋଷ୍ଠୀରେ ବିଶ୍ୱାସ କରୁଛି ଓ ଏମାନଙ୍କ ମଧ୍ୟରେ ଗୋଷ୍ଠୀଗତ ଭେଦଭାବ ସୃଷ୍ଟି କରୁଛି ନା ବଦଳି ଆତଙ୍କରେ ପ୍ରପୀଡ଼ିତ ଏବଂ ଅବାଞ୍ଛିତ ପଦପଦବୀ ଭାରରେ ଭାରାକ୍ରାନ୍ତ କେତେକ ଅଧ୍ୟାପକଙ୍କ ମୁହଁରେ ଏକଥା କୁହାଉଛନ୍ତି ? ସାଧାରଣ ପ୍ରଶାସନ ବିଭାଗ ଆଉ ମଧ୍ୟ ସଫେଇ ଦେଉଛନ୍ତି ଯେ, କମିଟୀକୁ ତାଙ୍କର ରିପୋର୍ଟ ଦାଖଲ ପାଇଁ କୌଣସି ସମୟସୀମା ଦିଆଯାଇ ନ ଥିଲା, ଏତେବଡ଼ ନିଷ୍ପତ୍ତି ପାଇଁ ବହୁ ତଥ୍ୟ ସଂଗ୍ରହ କରିବାକୁ ପଡୁଥିବାରୁ ଅଧିକ ସମୟ ଲାଗିବା ସ୍ୱାଭାବିକ । ତା'ମାନେ କ'ଣ ବୁଝିବାକୁ ହେବ ଯେ, ପୂର୍ବରୁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ସେଥିପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ ହୋଇ ନ ଥିଲା ଓ ଯେଉଁଠି ସମୟସୀମା ଦିଆଯାଇ ନ ଥାଏ, ସେଠି ରିପୋର୍ଟ ନ ଦେଇ ଅନିର୍ଦ୍ଦିଷ୍ଟ କାଳପାଇଁ ତଥ୍ୟ ସଂଗ୍ରହ କରୁଛୁ ବୋଲି କହିଦେଲେ ଚଳିବ ? ତଥ୍ୟ ସଂଗ୍ରହ ପାଇଁ କେତେ ସମୟ ଦରକାର, ସାଧାରଣ ପ୍ରଶାସନ ବିଭାଗ ସେ କଥା ନିର୍ଦ୍ଦିଷ୍ଟଭାବେ କହିଥିଲେ ଅଧିକ ବିଶ୍ୱାସଭାଜନ ହୋଇଥାଆନ୍ତେ ! ତେବେ ସାଧାରଣ ପ୍ରଶାସନ ବିଭାଗ ଜଣାଇବେ କି ୧୨-୯-୮୮ ରେ ତିଆରି ହୋଇଥିବା କମିଟୀ ପ୍ରଥମେ ବସିବାପାଇଁ କେବେ ସମୟ ପାଇଲା ? ଆମ ମନ୍ତ୍ରୀମାନେ କ'ଣ ଏତେ ବ୍ୟସ୍ତ ଯେ ୩ ମାସ ଭିତରେ ଥରୁଟିଏ ବସିବାପାଇଁ ମଧ୍ୟ ତାଙ୍କୁ ସମୟ ମିଳିଲାନାହିଁ ? ଯୁଗଳବାବୁ ଓ ଯଦୁବାବୁ କ'ଣ ସତରେ ଜାଣନ୍ତି ନାହିଁ ଯେ ସେଦିନ ରାତିରେ ୩ ମାସ ଭିତରେ ରିପୋର୍ଟ ଦିଆଯିବ ବୋଲି କଥା ଛିଡ଼ିଥିଲା ? ଯଦି ସେମାନେ କହନ୍ତି ଯେ, ଏପରି କୌଣସି କଥା ଛିଡ଼ି ନ ଥିଲା, ତେବେ ମୋର ସେ ବିଷୟରେ ଆଉ କିଛି କହିବାର ନାହିଁ !

ସେହିପରି ପଞ୍ଚାୟତ ସେକ୍ରେଟେରୀମାନେ ଗତ ଅପ୍ରେଲ ମାସରୁ ସେମାନଙ୍କର ବିଭିନ୍ନ ଦାବୀ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ବିଧାନସଭାର ଅଧିବେଶନ ଚାଲିଥିବା ସମୟରେ ଦୁଇ ଦୁଇଥର ର୍ୟାଲି କରିଛନ୍ତି ଏବଂ ସେମାନଙ୍କର ଦାବୀ ସପକ୍ଷରେ ନିଜର ସାଙ୍ଗଠନିକ ଶକ୍ତିର ପରିଚୟ ଦେଇ 'ପ୍ରତି ଜିଲ୍ଲାସ୍ତରରେ ପ୍ରତୀକଧର୍ମୀ 'ଜେଲଭରୋ' ଆନ୍ଦୋଳନ କରିଛନ୍ତି । ସେମାନଙ୍କର ଏ ଦାବୀ ସପକ୍ଷରେ ଦଳମତ ନିର୍ବିଶେଷରେ ଶତାଧିକ ବିଧାୟକ ମଧ୍ୟ ଲିଖିତ ସମର୍ଥନ ଜଣାଇଛନ୍ତି । ଏଣେ ପ୍ରଧାନମନ୍ତ୍ରୀ ପଞ୍ଚାୟତିରାଜ ବ୍ୟବସ୍ଥାର ସଂସ୍କାର ଓ ପୁନର୍ଗଠନ ପାଇଁ ବରାବର ଆହ୍ୱାନ ଦେଉଛନ୍ତି । କିନ୍ତୁ ଆମ ସରକାରଙ୍କର ଏ ପର୍ଯ୍ୟନ୍ତ ନିଦ୍ରାଭଙ୍ଗ ହୋଇନାହିଁ କି ଏ ସମ୍ପର୍କୀୟ ସରକାରୀ ନୀତି ବିଷୟରେ କୌଣସି ସୂଚନା ମିଳିନାହିଁ । ଏ କ୍ଷେତ୍ରରେ ବୋଧହୁଏ ବିଭାଗ ତରଫରୁ 'ତଥ୍ୟ ସଂଗ୍ରହ' ଚାଲିଛି । ଏପରିକି ୫୦ଟଙ୍କା ବଢ଼େଇବା ପାଇଁ ଏ ସମ୍ପର୍କରେ ନିଆଯାଇଥିବା ଏକ ମଧ୍ୟବର୍ତ୍ତୀକାଳୀନ ନିଷ୍ପତ୍ତି ମଧ୍ୟ କାର୍ଯ୍ୟକାରୀ ହୋଇ ପାରିନାହିଁ । ପ୍ରଶ୍ନ ହେଉଛି କାହିଁକି ? ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ବିଭାଗ ଏ ପ୍ରଶ୍ନର ଉତ୍ତର ଦେବା ଉଚିତ ନୁହେଁ କି ? ତାଙ୍କପାଖରେ ସଠିକ ଉତ୍ତର ଅଛି ତ ? ନା ମଲିମୁଣ୍ଡିଆ ପଞ୍ଚାୟତ ସେକ୍ରେଟେରୀମାନଙ୍କ କଥା ତ, କୌଣସି ଉତ୍ତର ନଦେଲେ ଚଳିବ ବୋଲି ଭାବୁଛନ୍ତି !

ଏଇଥିପାଇଁ ଆମ ପ୍ରଶାସନ ସମ୍ମାନ ହରାଉଛି ।